# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 March - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ଆଜି ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ନବନିଯୁକ୍ତ ସିଭିଲ୍ ଜଜ୍‌ମାନଙ୍କୁ ଆଜି ଶପଥପାଠ କରାଇଲେ ହାଇକୋର୍ଟର ମୁଖ୍ୟ ବିଚାରପତି
- ଚଳିତ ବର୍ଷ ନିର୍ବାଚନ ଆଦର୍ଶ ଆଚରଣ ବିଧି ମଧ୍ୟରେ ପାଳିତ ହେବ ଓଡ଼ିଶା ଦିବସ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି; ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅଧ୍ୟକ୍ଷତାରେ ଆଜି ବସିବ ବୈଠକ

# ଭାରତରତ୍ନ ସମ୍ମାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆୟୋଜିତ ଭବ୍ୟ ସମାରୋହରେ ୫ ଜଣ ସୁନାମଧନ୍ୟ ବ୍ୟକ୍ତିବିଶେଷଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ସମ୍ମାନରେ ସମ୍ମାନିତ କରିଛନ୍ତି। ମରଣୋତ୍ତର ଭାବେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ଏବଂ ପି. ଭି. ନରସିଂହ ରାଓଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିଭଳି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଏବଂ ସବୁଜ ବିପ୍ଳବର କର୍ଣ୍ଣଧାର ତଥା ବିଶିଷ୍ଟ କୃଷି ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କୁ ମଧ୍ୟ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି।

ରାଷ୍ଟ୍ରପତି ଭବନର ଦରବାର ହଲରେ ଆୟୋଜିତ ସମାରୋହରେ ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହା ରାଓଙ୍କ ପକ୍ଷରୁ ତାଙ୍କ ପୁଅ ପିଭି ପ୍ରଭାରକ ରାଓ, ଚୌଧୁରୀ ଚରଣ ସିଂହଙ୍କ ପକ୍ଷରୁ ତାଙ୍କ ନାତି ଜୟନ୍ତ ଚୌଧୁରୀ ଭାରତରତ୍ନ ଗ୍ରହଣ କରିଥିଲେ ।

କୃଷି ବୈଜ୍ଞାନିକ ଡକ୍ଟର ଏମ.ଏସ ସ୍ୱାମୀନାଥନଙ୍କ ପକ୍ଷରୁ ତାଙ୍କ ଝିଅ ଡକ୍ଟର ନିତ୍ୟା ରାଓ ଏବଂ କର୍ପୁରୀ ଠାକୁରଙ୍କ ପକ୍ଷରୁ ତାଙ୍କ ପୁଅ ରାମନାଥ ଠାକୁର ଭାରତରତ୍ନ ଗ୍ରହଣ କରିଥିଲେ।

ଏମାନଙ୍କ ବ୍ୟତୀତ ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ଼ୱାନୀଙ୍କୁ ଭାରତରତ୍ନ ସମ୍ମାନରେ

ସମ୍ମାନିତ କରାଯିବ। ଶ୍ରୀ ଆଡଭାନୀ ଅସୁସ୍ଥ ଥିବାରୁ ଆସନ୍ତାକାଲି ତାଙ୍କ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କିଛି ବରିଷ୍ଠ ନେତାଙ୍କ ଉପସ୍ଥିତିରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି।

ଏହି ସମ୍ମାନ ପ୍ରଦାନ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସ୍ୱରାଷ୍ଟମନ୍ତ୍ରୀ ଅମିତ୍ ଶାହ, କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ହାଇକୋର୍ଟ-ଶପଥପାଠ

ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଆଜି ଓଡ଼ିଶା ଜୁଡିସିଆଲ୍ ଏକାଡେମୀଠାରେ ଜୁନିଅର ଡିଭିଜନ୍‌ର ନବନିଯୁକ୍ତ ସିଭିଲ୍ ଜଜ୍‌ମାନଙ୍କୁ ଶପଥପାଠ କରାଇଛନ୍ତି। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି, ଏହା ହେଉଛି ବିଚାର ବିଭାଗର ପ୍ରଥମ ସୋପାନ। ଗରିବ ଓ ପୀଡିତଙ୍କୁ ନିରପେକ୍ଷ ଭାବେ ନ୍ୟାୟ ପ୍ରଦାନ କରିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଆୟୋଜିତ ଶପଥଗ୍ରହଣ ଉତ୍ସବରେ ଜଷ୍ଟିସ୍ ଶ୍ରୀ ସିଂଙ୍କ ସମେତ ହାଇକୋର୍ଟର ବିଚାରପତି, ଆଇନ୍‌ଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାର ଆସୋସିଏସନ ନିର୍ବାଚନ

ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ନିର୍ବାଚନ ଲାଗି ମତଦାନ ଆଜି ସକାଳ ୮ ଟାରୁ ଆରମ୍ଭ ହୋଇଛି। ଏହା ଦିନ ୩ଟା ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ପଦ ପଦବୀ ପାଇଁ ସମୁଦାୟ ୫୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସଭାପତି, ଉପସଭାପତି, ସମ୍ପାଦକ, ସହ-ସମ୍ପାଦକ, ଯୁଗ୍ମ-ସମ୍ପାଦକ ସହ

ଅନନ୍ୟ ପଦବୀ ପାଇଁ ମତଦାନ ଅନୁଷ୍ଠିତ ହେଉଛି। ଓଡ଼ିଶା ଷ୍ଟେଟ ବାର୍ କାଉନସିଲ ଓ ବାର୍ ଆସୋସିଏସନର ଥିବା ସଦସ୍ୟମାନେ ଭୋଟ ଦେଉଛନ୍ତି।

## ଗହମ ମହଜୁଦ ସ୍ଥିତି

ସାମଗ୍ରିକ ଖାଦ୍ୟ ନିରାପତ୍ତାକୁ ପରିଚାଳନା କରିବା ଏବଂ ଅସାଧୁ କଳାବଜାରୀ ରୋକିବାପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବ୍ୟବସାୟୀମାନଙ୍କୁ ଗହମ ମହଜୁଦ ସ୍ଥିତି ବାଧ୍ୟତାମୂଳକ ଭାବେ ଘୋଷଣା କରିବାକୁ ଖାଦ୍ୟ ବଣ୍ଟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ଶୁକ୍ରବାର ଦିନ ପୋର୍ଟାଲ୍‌ରେ ଗହମର ମହଜୁଦ ସ୍ଥିତି ସମ୍ପର୍କରେ ସୂଚନା ଦେବାକୁ କୁହାଯାଇଛି । ଏଥିସହ ପୋର୍ଟାଲ୍‌ରେ ମହଜୁଦ ସମ୍ପର୍କିତ ତଥ୍ୟ ନିୟମିତ ସଠିକ୍ ଭାବେ ପ୍ରକାଶିତ ହେଉଛି କି ନାହିଁ, ତାହା ସୁନିଶ୍ଚିତ କରିବାପାଇଁ ସମସ୍ତ ସମ୍ପୃକ୍ତ ବୈଧାନିକ ସଂସ୍ଥା ଅନୁଧ୍ୟାନ କରିବ । ପୋର୍ଟାଲ୍‌ରେ ପଞ୍ଜିକୃତ ହୋଇ ନ ଥିବା କୌଣସି ସଂସ୍ଥା ନିଜକୁ ପଞ୍ଜୀକରଣ କରି ପ୍ରତି ଶୁକ୍ରବାର ଦିନ ଗହମ ମହଜୁଦ ସ୍ଥିତି ସମ୍ପର୍କରେ ସୂଚନା ଦାଖଲ କରିପାରିବେ ।

## ନିର୍ବାଚନ-ରାୟଗଡ଼ା

ରାୟଗଡ଼ା ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ଆସନ୍ତା ମେ' ମାସ ୧୩ ତାରିଖରେ ଭୋଟ ଗ୍ରହଣ ହେବ। କୋରାପୁଟ ଲୋକସଭା କ୍ଷେତ୍ର ଅଧିନରେ ଜିଲ୍ଲାରେ ୩ଟି ବିଧାନସଭା କ୍ଷେତ୍ର ରାୟଗଡ଼ା, ଗୁଣୁପୁର ଓ ବିଷମକଟକ ରହିଛି। ନିର୍ବାଚନ ଲାଗି ୮୮୩ଟି ଭୋଟଗ୍ରହଣ

କେନ୍ଦ୍ର କରାଯାଇଛି । ଏ ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଆମ ରାୟଗଡ଼ା ସମ୍ବାଦଦାତା ସୀମାଞ୍ଚଳ ପଣ୍ଡା.......

## - V/O –

## ଓଡ଼ିଶା ଦିବସ

ଚଳିତ ବର୍ଷ ନିର୍ବାଚନ ଆଦର୍ଶ ଆଚରଣ ବିଧି ମଧ୍ୟରେ ଓଡ଼ିଶା ଦିବସ ପାଳନ କରାଯିବ । ଏଥିପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କୁ ଅଧକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ କୌଣସି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ କରାଯିବ ନାହିଁ । ଏଥିରେ ସରକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଏବଂ ଦଳୀୟ ଚିହ୍ନ ମଧ ବ୍ୟବହାର କରାଯିବ ନାହିଁ । ଏହି ଅବସରରେ କୌଣସି ଶୋଭାଯାତ୍ରା, ରାଜନୈତିକ ଭାଷଣ ବା ପ୍ରଚାର ସହ ମାନପତ୍ର ଓ ଫଳକ ଆଦି ପ୍ରଦାନ ନ କରିବାକୁ ନିଷ୍ପତ୍ତି ନିଆଯାଇଛି ।

## ଇଟ୍ ରାଇଟ୍

କଟକ ପୌରନିଗମ ପକ୍ଷରୁ ସହରର ଦୁଇଟି ଅନୁଷ୍ଠାନ ପରିସରକୁ 'ଇଟ୍ ରାଇଟ୍' ମାନ୍ୟତା ପ୍ରଦାନ କରାଯିବ। ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ୍‌ଙ୍କ ନିର୍ଦ୍ଦେଶକ୍ରମେ ନିଗମ ତରଫରୁ ଏହି ବ୍ୟବସ୍ଥା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ସହରର ଏସ୍‌ସିବି ମେଡିକାଲ ଓ ନରାଜସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟକୁ ଏହି ମାନ୍ୟତା ମିଳିବ। ଏଥିପାଇଁ ତୃତୀୟ ପକ୍ଷ ଦ୍ୱାରା ଦୁଇଟି ସଂସ୍ଥାର ଆନୁଷଙ୍ଗିକ ବିଧି ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଛି। କଟକ

ବଡ଼ ମେଡିକାଲର ଇନ୍ ହାଉସ୍ କ୍ୟାଣ୍ଟିନ୍ ଓ ନରାଜ ସ୍ଥିତ ଏନ୍ଏଲ୍ୟୁ ହଷ୍ଟେଲ୍ କ୍ୟାଣ୍ଟିନ୍‌କୁ 'ଇଟ୍ ରାଇଟ୍' ସାର୍ଟିଫିକେଟ୍ ପ୍ରଦାନ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଦୁଇଟି ଅନୁଷ୍ଠାନରେ ପ୍ରତ୍ୟେକ ଦିନ ୧୪ ହଜାରରୁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଉଥିବାବେଳେ ଫୁଡ୍ ସେଫ୍‌ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆର ନିୟମ ପାଳନ କରାଯାଉଛି କି ନାହିଁ ତାହା ତର୍ଜମା କରାଯାଉଛି।

## ରଥଯାତ୍ରା ପାଇଁ ବୈଠକ

ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ ନେଇ ଆସନ୍ତାକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ। ପ୍ରଶାସନିକ ସ୍ତରରେ ଏହି ବୈଠକେ ବସିବାକୁ ଥିବାବେଳେ ରଥଯାତ୍ରା ସୁପରିଚାଳନା ନେଇ ଆଲୋଚନା କରାଯିବ। ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, ରାସ୍ତା ଘାଟ ମରାମତି, ଗମନା ଗମନ ବ୍ୟବସ୍ଥା ସହିତ ରଥ ନିର୍ମାଣ ଓ କାଠ ଯୋଗାଣ ଉପରେ ଆଲୋଚନା ହେବ ବୋଲି ଜଣାପଡିଛି। ସେହିପରି ଶ୍ରଦ୍ଧାଳୁଙ୍କ ଆଗମନ ନେଇ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ସହ ଅନ୍ୟାନ୍ୟ ବ୍ୟବସ୍ଥା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରାଯିବ।

## ଜନଶୁଣାଣି ପୋର୍ଟାଲ୍

ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ପାଇଁ ଲୋକମାନେ ଜନଶୁଣାଣି ପୋର୍ଟାଲ୍ ଜରିଆରେ ଅଭିଯୋଗ କରିପାରିବେ । ନିର୍ବାଚନ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବାରୁ ଏହି

ସମୟରେ ଜନଶୁଣାଣି ପୋର୍ଟାଲ୍ ଜରିଆରେ ଆସୁଥିବା ମାମଲାଗୁଡ଼ିକର ସମାଧାନ କରାଯିବ । ଏହି ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗ କିମ୍ବା ଅଧିକୃତ କର୍ତ୍ତୃପକ୍ଷ ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗର ସଚିବ, ପୁଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର ଲେଖିଛନ୍ତି ।

## ପାଣିପାଗ

ରାଜ୍ୟରେ କ୍ରମାଗତ ୩ ଦିନ ହେବ ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ରହିଥିବାବେଳେ ଆସନ୍ତା ଦୁଇଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏଭଳି ସ୍ଥିତି ଯୋଗୁଁ ରାଜ୍ୟର ଆଭ୍ୟନ୍ତରୀଣ ଜିଲ୍ଲାର ଏକାଧିକ ସ୍ଥାନରେ ତାପମାତ୍ରା ୩୮ ରୁ ୪୦ ଡିଗ୍ରୀ ଓ ଉପକୂଳ ଓଡ଼ିଶାରେ ତାପମାତ୍ରା ୩୬ ରୁ ୩୮ ଡିଗ୍ରୀ ରହିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ଣରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ସୂଚନା ମିଳିଛି ।

*******************************